# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**13 August - 2024**

**News Editor : Itishree Singh Rathaur**

********************************

## ମୁଖ୍ୟ ସମ୍ବାଦ

- ଜାତୀୟ ରାଜପଥ ସମୀକ୍ଷା ବୈଠକରେ ସେତୁବନ୍ଧନ ଯୋଜନାରେ ରାଜ୍ୟ ପାଇଁ ୨୫୦ କୋଟି ଟଙ୍କା ମଞ୍ଜୁର; ୬ ଲେନ୍ ବିଶିଷ୍ଟ ହେବ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ
- ନୂତନ ଜାତୀୟ ଶିକ୍ଷାନୀତି ଉଚ୍ଚଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିବ; କହିଲେ, ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ
- ବିଦ୍ୟୁତ୍ ଦେୟ ପୈଠକୁ ସହଜ ଓ ସୁଗମ କରିବା ପାଇଁ ଆରମ୍ଭ ହେଲା ଜିଏସ୍ଏମ୍ସି ପୋର୍ଟାଲ ଓ ମୋବାଇଲ ଆପ୍ଲିକେଶନ

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ 'ହର ଘର ତିରଙ୍ଗା' ଶୋଭାଯାତ୍ରା ଅନୁଷ୍ଠିତ

# ନୀତିନ୍ ଗଡକରୀ – ସମୀକ୍ଷା ବୈଠକ

କେନ୍ଦ୍ର ସଡକ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ୍ ଗଡକରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଏକ ସମୀକ୍ଷା ବୈଠକ ହୋଇଛି। ଏଥିରେ ୫୧ଟି ଜାତୀୟ ରାଜପଥର ଅଗ୍ରଗତି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ରହି ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ତଥ୍ୟ ରଖିଥିଲେ। ସମୀକ୍ଷା ଅବସରରେ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଠିକ୍ ସମୟରେ କାର୍ଯ୍ୟ ଶେଷ କରିବା ଦିଗରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ସମୀକ୍ଷା ବୈଠକ ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ନିର୍ଦ୍ଧାରିତ ସମୟସୀମାରେ ଶେଷ କରାଯିବ। ସେତୁବନ୍ଧନ ଯୋଜନାରେ ରାଜ୍ୟ ପାଇଁ ୨୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିଭଳି ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥକୁ ୬ ଲେନ୍ ବିଶିଷ୍ଟ କରାଯିବ। ଏଥିସହିତ ୨ ଲେନ୍ ସର୍ଭିସ୍ ରୋଡ୍ ମଧ୍ୟ ରହିବ। ଏ ବାବଦରେ ୧୮ ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

୨୦୦ କିଲୋମିଟର ଦୀର୍ଘ ବ୍ୟସ୍ତବହୁଳ ବଡବିଲ୍-ଚଣ୍ଡିଖୋଲ ଜାତୀୟ ରାଜପଥକୁ ୮ ଲେନ୍ ବିଶିଷ୍ଟ କରାଯିବ। ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥକୁ ମଧ୍ୟ ୪ ଲେନ୍ କରାଯିବା ପାଇଁ ୧ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O –**

## ସୁଭଦ୍ରା ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୁଭଦ୍ରା ଯୋଜନା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇସାରିଛି। ତେବେ ସାଧାରଣ ଲୋକଙ୍କଠାରୁ ଏଥିପାଇଁ ମତାମତ ଲୋଡାଯାଇଛି। ସମଗ୍ର ରାଜ୍ୟରେ ୧୦ଟି କ୍ଲଷ୍ଟରରେ ମହିଳାମାନଙ୍କଠାରୁ ମତାମତ ସଂଗ୍ରହ କରି ଆସନ୍ତା ୧୪ ତାରିଖ ସୁଦ୍ଧା ଜିଲ୍ଲାପାଳମାନେ ରିପୋର୍ଟ ପ୍ରଦାନ କରିବେ। ମତାମତ ଆଧାରରେ ମାର୍ଗଦର୍ଶିକାରେ ଆବଶ୍ୟକ ସଂଶୋଧନ କରାଯାଇ ଏହାକୁ ସାର୍ବଜନୀନ କରାଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

## ଜାତୀୟ ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରଣୟନ ହେବା ପରେ ଉଚ୍ଚଶିକ୍ଷା କ୍ଷେତ୍ରରେ ବିପ୍ଳବ ଆସିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ

ଏବଂ ଉଚ୍ଚ ଶିକ୍ଷା ବିଭାଗର ମିଳିତ ସହଯୋଗରେ ଆଜି ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ଜାତୀୟ ଶିକ୍ଷାନୀତିର ପ୍ରଣୟନ ପାଇଁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ଏଥିରେ ଯୋଗଦେଇ ଶ୍ରୀ ସୂରଜ କହିଛନ୍ତି, ୨୦୩୬ ମସିହା ସୁଦ୍ଧା ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶର ସ୍ୱପ୍ନକୁ ସାକାର କରିବା ପାଇଁ ନୂତନ ଜାତୀୟ ଶିକ୍ଷାନୀତିର ପ୍ରଣୟନ ହେବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ମାତୃଭାଷାରେ ଉଚ୍ଚଶିକ୍ଷା ଗ୍ରହଣ କଲେ ସେମାନଙ୍କ ସୃଜନଶୀଳତା ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଛନ୍ତି ।  ଏହି କାର୍ଯ୍ୟକ୍ରମରେ ବିଭାଗର କମିଶନର ଅରବିନ୍ଦ ଅଗ୍ରୱାଲ ଜାତୀୟ ଶିକ୍ଷାନୀତି ପ୍ରଣୟନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ ।

## ପୋର୍ଟାଲ ଲୋକାର୍ପଣ

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଦ୍ୟୁତ୍ ଦେୟ ପୈଠକୁ ସହଜ ଓ ସୁଗମ କରିବା ପାଇଁ ସରକାରୀ ଉପଭୋକ୍ତା ପରିଚାଳନା ବ୍ୟବସ୍ଥା (ଜି.ଏସ୍.ଏମ୍.ସି) ନାମକ ଏକ ପୋର୍ଟାଲ ଓ ମୋବାଇଲ୍ ଆପ୍ଲିକେଶନର ଲୋକାର୍ପଣ ହୋଇଛି । ଭୁବନେଶ୍ୱର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ ଏହି ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ନାୟକ କହିଛନ୍ତି, ସମଗ୍ର ଦେଶରେ ପ୍ରଥମ ଥର ପାଇଁ ଏହି ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି । ପଞ୍ଚାୟତ ସ୍ତରରୁ ଏହି ବ୍ୟବସ୍ଥାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଖୁଚାଷ-ସମନ୍ୱୟ ବୈଠକ

**ଗଞ୍ଜାମ** ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଆଖୁଚାଷ ସମ୍ବନ୍ଧୀୟ ଜଳସେଚନ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆଖୁଚାଷୀମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା। ଜିଲ୍ଲାରେ ୧୫୪ଟି ଜଳସେଚନ ବ୍ୟବସ୍ଥା ରହିଛି। ତେବେ ଭୂତଳ ଜଳର ଅଭାବ ଯୋଗୁଁ ଚାଷୀମାନଙ୍କୁ ବିଶେଷ କରି ବର୍ଷାଜଳ ଉପରେ ଅଧିକ ନିର୍ଭରଶୀଳ ହେବାକୁ ପଡିଥାଏ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଆଖୁଚାଷର ଚାହିଦା ବୃଦ୍ଧି କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାରେ ଚଳିତବର୍ଷ ୮୬୧ ଦଶମିକ ୬ ହେକ୍ଟର ଜମିରେ ଆଖୁଚାଷ ହୋଇଥିବା ବୈଠକରୁ ଜଣାପଡିଛି।

## ହରଘର ତିରଙ୍ଗା

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଗତ ୯ ତାରିଖରୁ ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଆରମ୍ଭ ହୋଇଥିବା 'ହର୍ ଘର୍ ତିରଙ୍ଗା' ଅଭିଯାନରେ ଦେଶବାସୀ ସାମିଲ ହୋଇଛନ୍ତି। ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆଜି ସକାଳେ ଏହି ଅଭିଯାନ ଅନ୍ତର୍ଗତ ଏକ ବାଇକ୍ ର୍ୟାଲିକୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରୁ ଶୁଭାରମ୍ଭ କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରେ 'ହର ଘର ତିରଙ୍ଗା' ଅଭିଯାନ ଅନ୍ତର୍ଗତ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

**କଟକ** ଜିଲ୍ଲାରେ ଭାରତୀୟ ଜନତାପାର୍ଟି ଯୁବ ମୋର୍ଚ୍ଚା ପକ୍ଷରୁ ଆଜି 'ହର ଘର ତିରଙ୍ଗା' ଅଭିଯାନରେ ଏକ କାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଓଡ଼ିଶା ଜୁଡ଼ିଶିଆଲ ଏକାଡେମୀ ନିକଟରୁ କାର ଶୋଭାଯାତ୍ରାଟି ବାହାରି ଭୁବନେଶ୍ୱର ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ଶେଷ ହୋଇଥିଲା । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହାର ଶୁଭାରମ୍ଭ କରିଥିଲେ । **ଝାରସୁଗୁଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପୂର୍ବାହ୍ଣରେ ଆୟୋଜିତ ତିରଙ୍ଗା ଯାତ୍ରାକୁ  ବିଧାୟକ ଟଙ୍କଧର ତ୍ରିପାଠୀ ଶୁଭାରମ୍ଭ କରିଥିଲେ । ତିରଙ୍ଗା ଯାତ୍ରା ପୁରୁଣା ବସ୍‌ଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରିବା ପରେ ମନମୋହନ ସ୍କୁଲ ପରିସରରେ ସମାପ୍ତ ହୋଇଥିଲା ।

**ସମ୍ବଲପୁର** ଜିଲ୍ଲା ରେଙ୍ଗାଲୀ ବ୍ଲକ୍‌ରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଯାତ୍ରାକୁ ରେଙ୍ଗାଲୀର ପୂର୍ବତନ ବିଧାୟକ ନାଉରୀ ନାୟକ ଶୁଭାରମ୍ଭ କରିଥିଲେ ।  ଏଥିରେ  ଶତାଧିକ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ । **ପୁରୀ** ଜିଲ୍ଲାରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ଣରେ ତାଳବଣିଆ ସ୍ପୋର୍ଟସ୍ କମ୍ପ୍ଲେକ୍ସରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିଲା । ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ । ଏହି ଅବସରରେ ହରଘର ତିରଙ୍ଗା କାନ୍‌ଭାସ୍‌ରେ ସମସ୍ତେ ଜୟହିନ୍ଦ୍, ହର ଘର ତିରଙ୍ଗା ଲେଖିବା ସହ ସେଲ୍ଫି ଉଠାଇ ହର ଘର ତିରଙ୍ଗା ଡଟ୍‌କମ୍‌ରେ ଅପ୍‌ଲୋଡ କରିଥିଲେ । **ଗଜପତି** ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।  ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ଏବଂ ଜିଲ୍ଲା ପରିଷଦ ସିଡିଓ ଡ଼ଃ ଗୁଣନିଧି ନାୟକ ମିଳିତ ଭାବେ  ଶୁଭାରମ୍ଭ କରିଥିଲେ । **ମାଲକାନଗିରି** ସଦରମହକୁମାଠାରେ ଏହି ଅବସରରେ ଆୟୋଜିତ ତିରଙ୍ଗା ଦୌଡକୁ ବିଧାୟକ ନରସିଂହ ମାଡକାମୀ

ଶୁଭାରମ୍ଭ କରିଥିଲେ। ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ରୁ ତିରଙ୍ଗା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବା ପରେ ସଂସ୍କୃତି ଭବନ ନିକଟରେ ପହଂଚିଥିଲା।

## ନିଶାମୁକ୍ତ ଭାରତ

କେନ୍ଦ୍ର ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ମନ୍ତ୍ରଣାଳୟର ଆହ୍ୱାନକ୍ରମେ **କୋରାପୁଟ** ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନିଶାମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଛି। ଜୟପୁର ବ୍ଲକ୍ ଅନ୍ତର୍ଗତ ଧନପୁର ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ  ନିଶାମୁକ୍ତ ଭାରତ ଗଠନ କରିବା ପାଇଁ ସଂକଳ୍ପ ନେବା ଲାଗି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଆଇନ୍ ସେବା ସଚେତନତା

**ବୌଦ୍ଧ** ଜିଲ୍ଲା କଣ୍ଟାମାଳ କୋର୍ଟ ପରିସରରେ ଏକ ଆଇନ୍ ସେବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଣ୍ଟାମାଳ ଆଇନ୍ ସେବା ସମିତି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଲୁକ୍ ଆଇନ୍ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ ଯୋଗଦେଇ ଜନସାଧାରଣଙ୍କ ପାଇଁ ଉପଲବ୍ଧ ଆଇନସେବା ବିଷୟରେ ଆଲୋଚନା କରିଥିଲେ।

## ବଜ୍ରପାତ

**ଗଞ୍ଜାମ** ଜିଲ୍ଲାର ଭଞ୍ଜନଗର ଗାଲେରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବଜ୍ରପାତ ହେବାରୁ ୧୯ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ଅଭିଯୋଗ

ହୋଇଛି । ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଅନ୍ୟପକ୍ଷରେ ରାଜ୍ୟରେ ନିଅଣ୍ଟିଆ ବର୍ଷା ସ୍ଥିତି ଜାରି ରହିଛି । ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୬୩୮ ଦଶମିକ ୨ ମିଲିମିଟର ବର୍ଷା ହୋଇଛି । ଏହା ସ୍ୱାଭାବିକ ବର୍ଷାଠାରୁ ୧୧ ପ୍ରତିଶତ କମ୍ ଥିବା ସୂଚନା ମିଳିଛି । ଏହି ସମୟ ମଧ୍ୟରେ ୧୧ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି ।

*********************************